# NATIONAL NEWS BULLETIN (ODIA)

**6 March - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଭାରତୀୟ ଅର୍ଥନୀତି ତଥା ଦୀର୍ଘକାଳୀନ ବିକାଶ କ୍ଷେତ୍ରରେ କୃଷିର ଭୂମିକା ଗୁରୁତ୍ୱପୂର୍ଣ୍ଣ - କହିଲେ ପ୍ରଧାନମନ୍ତ୍ରୀ ।

- ସିଆଇଏସ୍ଏଫ୍ ବିନା ଦେଶର ଔଦ୍ୟୋଗିକ ବିକାଶ ଅସମ୍ଭବ ବୋଲି ୫୭ତମ ପ୍ରତିଷ୍ଠା ଦିବସ ସମାରୋହରେ ଯୋଗଦେଇ କହିଲେ ସ୍ୱରାଷ୍ଟ୍ରମନ୍ତ୍ରୀ ।

- ରାଇସିନା ବାର୍ତ୍ତାଳାପର ଦ୍ୱିତୀୟ ଦିନରେ ଗ୍ଲୋବାଲ ସାଉଥ୍ ପାଇଁ ସ୍ଥିର ସାମୁଦ୍ରିକ ଅଭିବୃଦ୍ଧି ଉପରେ ଗୁରୁତ୍ୱାରୋପ ।

- ସାବରିମାଳା ମନ୍ଦିରରେ ତୀର୍ଥଯାତ୍ରୀଙ୍କ ରହଣି ପାଇଁ ଆଜିଠାରୁ ଆରମ୍ଭ ହେବ ଅନ୍‌ଲାଇନ୍ ବୁକିଂ ସୁବିଧା ।

ଏବଂ

- ଆଇ.ସି.ସି. ପୁରୁଷ ଟି-ଟ୍ୱେଣ୍ଟି କ୍ରିକେଟ୍ ବିଶ୍ୱକପ୍‌ରେ ଇଂଲଣ୍ଡକୁ ପରାସ୍ତ କରି ଫାଇନାଲ୍‌ରେ ପ୍ରବେଶ କଲା ଭାରତ ।

# ପିଏମ୍-ୱେବିନାର ଏଗ୍ରିକଲଚର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଯେ କୃଷି' ଭାରତର ଅର୍ଥନୀତିର ମେରୁଦଣ୍ଡ ଏବଂ ଦେଶର ଦୀର୍ଘକାଳୀନ ବିକାଶ ଯାତ୍ରା ପାଇଁ ଏକ ରଣନୈତିକ ସ୍ତମ୍ଭ। ଭିଡିଓ କନଫରେନ୍ସିଂ ମାଧ୍ୟମରେ ଆଜି କୃଷି ଏବଂ ଗ୍ରାମୀଣ ପରିବର୍ତ୍ତନ ବିଷୟବସ୍ତୁ ଉପରେ ଏକ ବଜେଟ୍ ପରବର୍ତ୍ତୀ ୱେବିନାରକୁ ସମ୍ବୋଧିତ କରି ଶ୍ରୀ ମୋଦୀ କହିଛନ୍ତି, ସରକାର କୃଷି କ୍ଷେତ୍ରକୁ ସୁଦୃଢ଼ କରିବା ପାଇଁ ନିରନ୍ତର ଅନେକ ପଦକ୍ଷେପ ନେଇଛନ୍ତି। ସେ କହିଛନ୍ତି ଚଳିତବର୍ଷର କେନ୍ଦ୍ର ବଜେଟ୍, କୃଷି ଏବଂ ଗ୍ରାମୀଣ ପରିବର୍ତ୍ତନକୁ ଏକ ଦୃଢ଼ ପ୍ରୋତ୍ସାହନ ପ୍ରଦାନ କରିଛି। ଶ୍ରୀ ମୋଦୀ କହିଛନ୍ତି ଭାରତ ବର୍ତ୍ତମାନ ଖାଦ୍ୟଶସ୍ୟ, ଡାଲି ଏବଂ ତୈଳବୀଜରେ ରେକର୍ଡ ଉତ୍ପାଦନ କରୁଛି ।

**V/O (PM Strenthan Agrisector)**

ଶ୍ରୀ ମୋଦୀ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଅଧୀନରେ ପ୍ରାୟ ୧୦ କୋଟି ଚାଷୀ ଚାରି ଲକ୍ଷ କୋଟି ଟଙ୍କାରୁ ଅଧିକ ଲାଭ ପାଇଛନ୍ତି। ସେ ଆହୁରି କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅଧୀନରେ ଏପର୍ଯ୍ୟନ୍ତ ପ୍ରାୟ ୨ ଲକ୍ଷ କୋଟି ଟଙ୍କାର ଅଭିଯୋଗର ସମାଧାନ କରାଯାଇଛି। କେନ୍ଦ୍ର ସରକାର ପ୍ରାୟ ୯ କୋଟିରୁ ଅଧିକ ଡିଜିଟାଲ୍ କୃଷକ ପରିଚୟପତ୍ର ପ୍ରଦାନ କରିଛନ୍ତି ବୋଲି ଶ୍ରୀ ମୋଦୀ କହିଛନ୍ତି ।

# ଅମିତ ଶାହା

କେନ୍ଦ୍ରୀୟ  ଔଦ୍ୟୋଗିକ ସୁରକ୍ଷା ବଳ– ସି.ଆଇ.ଏସ୍.ଏଫ୍’ ବିନା ଦେଶର ଔଦ୍ୟୋଗିକ ବିକାଶ  ଅସମ୍ଭବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି। ସି.ଆଇ.ଏସ୍.ଏଫ୍’ର ୫୭ତମ ପ୍ରତିଷ୍ଠା ଦିବସ ସମାରୋହରେ କଟକ ମୁଣ୍ଡଳିସ୍ଥିତ ସି.ଆଇ.ଏସ୍.ଏଫ୍’ କ୍ୟାମ୍ପ ଅଫିସରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ଶାହା କହିଛନ୍ତି, ଚଳିତ ମାସ ସୁଦ୍ଧା ଦେଶକୁ ମାଓବାଦୀ ମୁକ୍ତ କରାଯିବ। ମାଓବାଦୀଙ୍କ ମୂଳୋତ୍ପାଟନରେ ସି.ଆଇ.ଏସ୍.ଏଫ୍’ର ପ୍ରମୁଖ ଭୂମିକା ରହିଛି ବୋଲି ସେ କହିଛନ୍ତି ।

**V/O (Amit Saha CISF)**

ବୀରତ୍ୱ, ତ୍ୟାଗ, ବଳିଦାନ ଏବଂ ଏକାଗ୍ର ମନୋଭାବ ସହ ସମସ୍ତ ପରିସ୍ଥିତିର ମୁକାବିଲା ପାଇଁ  ସି.ଆଇ.ଏସ୍.ଏଫ୍ ସର୍ବଦା ପ୍ରସ୍ତୁତ ରହିଥାଏ। ଆଗକୁ ବନ୍ଦରଗୁଡ଼ିକର ସୁରକ୍ଷା ଦାୟିତ୍ୱ ମଧ୍ୟ ସି.ଆଇ.ଏଫ୍.ଏଫ୍’କୁ ହସ୍ତାନ୍ତର କରାଯିବ। ଡ୍ରୋନ୍ ସୁରକ୍ଷାରେ ମଧ୍ୟ ସି.ଆଇ.ଏସ୍.ଏଫ୍’ ନୋଡାଲ ଏଜେନ୍ସି ରୂପରେ ଭୂମିକା ତୁଲାଉଛି। ସବୁ କ୍ଷେତ୍ରରେ ଉତ୍କୃଷ୍ଟ ଓ ବିଶିଷ୍ଟ ସେବା ପାଇଁ ସି.ଆଇ.ଏସ୍.ଏଫ୍’ ୧୩ ହଜାର ୭୦୦ଟି ପଦକ ପ୍ରାପ୍ତ କରିଛି। ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଗଠନରେ ସି.ଆଇ.ଏସ୍.ଏଫ୍ ମୁଖ୍ୟ ଭୂମିକା ଗ୍ରହଣ କରିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି। ଶ୍ରୀ ଶାହା ଏହି ଅବସରରେ ମହାପ୍ରଭୁଙ୍କୁ ପ୍ରଣାମ କରିବା ସହ ଓଡ଼ିଶାର ସହିଦ ବୀର ବାଜିରାଉତ ବକ୍ସି ଜଗବନ୍ଧୁ, ଜୟୀ ରାଜଗୁରୁ, ବୀର ସୁରେନ୍ଦ୍ର ସାଏଙ୍କୁ ପ୍ରଣାମ ଜଣାଇଛନ୍ତି।

**V/O (Amit Saha 56 CISF)**

ସ୍ୱରାଷ୍ଟ୍ର ମନ୍ତ୍ରୀ ଆଜି ମୁଣ୍ଡଳିରେ ଆଜି ୮୯୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଶ୍ରୀ ଶାହା ଓଡ଼ିଶା ଗସ୍ତ ଅବସରରେ ବିଭିନ୍ନ ବିଭାଗ ସହ ଜଡ଼ିତ ୧ ହଜାର ୧୫୯ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ୬୯ଟି ପ୍ରକଳ୍ପର ଉଦ୍‌ଘାଟନ ସହ ୨ ହଜାର ୧୧୬ କୋଟି ଟଙ୍କାର ୧୩୦ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବାର କାର୍ଯ୍ୟସୂଚୀ ରହିଚି। ଏହା ସହ ପାରାଦ୍ୱୀପରେ ଇଫ୍‌କୋ ସଲ୍‌ଫ୍ୟୁରିକ୍ ଏସିଡ ପ୍ଲାଣ୍ଟକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିବେ। ପରେ ଭୁବନେଶ୍ୱର ୟୁନିଟ୍-୩ସ୍ଥିତ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ସମବାୟ କ୍ଷେତ୍ର ସହ ଜଡ଼ିତ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ଶୁଭାରମ୍ଭ କରିବେ । ଏଥିରେ ରାଜ୍ୟ ସମବାୟ ନୀତିର ପ୍ରକାଶନ, ନୂତନ ନ୍ୟାୟ ସଂହିତା ପ୍ରଦର୍ଶନୀକୁ ଉଦ୍‌ଘାଟନ, ୨୦ଟି ସାଇବର ଥାନା, ରାଜ୍ୟର ପ୍ରଥମ କେନ୍ଦ୍ରୀୟ ଫୋରେନ୍‌ସିକ୍ ବିଜ୍ଞାନ ପରୀକ୍ଷାଗାର ଆଦି ରହିଛି । ଏହା ସହ ବିଭିନ୍ନ ବୁଝାମଣାପତ୍ର ସ୍ୱାକ୍ଷରିତ ହେବ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

## କୀର୍ତ୍ତିବର୍ଦ୍ଧନ ରାଇସିନା

ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତି ବର୍ଦ୍ଧନ ସିଂହ କହିଛନ୍ତି, ଗ୍ଲୋବାଲ ସାଉଥ୍ ପାଇଁ ଏକ ସ୍ଥିର ସାମୁଦ୍ରିକ ଅଭିବୃଦ୍ଧି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ନୂଆଦିଲ୍ଲୀରେ ରାଇସିନା ବାର୍ତ୍ତାଳାପ ୨୦୨୬ ର ଦ୍ୱିତୀୟ ଦିନରେ

ମନ୍ତ୍ରୀସ୍ତରୀୟ ବକ୍ତବ୍ୟ ପ୍ରଦାନ କରି ସେ ଭାରତର ନିଷ୍ପତ୍ତି ଜାତୀୟ ସ୍ୱାର୍ଥ ଦ୍ୱାରା ପରିଚାଳିତ ଏବଂ କୌଣସି ଏକକ ଗୋଷ୍ଠୀ ସହିତ ଜଡିତ ନୁହେଁ ବୋଲି କହିଛନ୍ତି । ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ବର୍ତ୍ତମାନ ସୃଷ୍ଟି ହୋଇଥିବା ପରିସ୍ଥିତିକୁ ପରିବର୍ତ୍ତନ କରିବାର ଏକକ ପ୍ରୟାସକୁ ଭାରତ ବିରୋଧ କରେ ବୋଲି ସେ କହିଛନ୍ତି। ଶ୍ରୀ ସିଂହ କହିଛନ୍ତି ଯେ ୟୁକ୍ରେନ ହେଉ କିମ୍ବା ପଶ୍ଚିମ ଏସିଆ, ଭାରତ' ସଂଯୋଗୀକରଣ ଏବଂ ସ୍ଥିରତାକୁ ପ୍ରୋତ୍ସାହିତ କରିବା ପାଇଁ **ଭାରତ-ମଧ୍ୟପ୍ରାଚ୍ୟ-ୟୁରୋପ** ଅର୍ଥନୈତିକ କରିଡର ଭଳି ପଦକ୍ଷେପକୁ ଆଗକୁ ନେବା ସହିତ ନିରନ୍ତର ଆଲୋଚନା ଏବଂ କୂଟନୀତି ଉପରେ ଗୁରୁତ୍ୱାରୋପ କରିଆସୁଛି।

## ରାଇସିନା-ପ୍ରେଜ୍ ଟକ୍

ଫିନଲ୍ୟାଣ୍ଡ ରାଷ୍ଟ୍ରପତି ଆଲେକଜାଣ୍ଡାର ଷ୍ଟବ୍ କହିଛନ୍ତି ଆମେରିକା ସହଯୋଗୀ ଏବଂ ଅଂଶୀଦାରମାନଙ୍କ ସହିତ ପରାମର୍ଶ ନ କରି ଅନେକ କାମ କରୁଛି । ଏଭଳି ପୂର୍ବରୁ ହେଉନଥିଲା ବୋଲି ସେ କହିଛନ୍ତି। ଆଜି ରାଇସିନା ବାର୍ତ୍ତାଳପର ଏକ ଅଧିବେଶନରେ ଦିଲ୍ଲୀରେ ଲେଖକଙ୍କ ସମ୍ମିଳନୀରେ ଅଂଶଗ୍ରହଣ କରି ଫିନଲ୍ୟାଣ୍ଡ ରାଷ୍ଟ୍ରପତି କହିଛନ୍ତି ଆମେରିକା ଗ୍ଲୋବାଲ୍ ଓ୍ୱେଷ୍ଟରୁ ଧୀରେ ଦୀରେ ବିଚ୍ଛିନ୍ନ ହେଉଛି। ସେ କହିଛନ୍ତି ଏଥିଯୋଗୁଁ ଗ୍ଲୋବାଲ୍ ନର୍ଥ ନୂତନ ଆଦର୍ଶଗତ ଗ୍ଲୋବାଲ୍ ଓ୍ୱେଷ୍ଟରେ ପରିଣତ ହେଉଛି । ଶ୍ରୀ ଷ୍ଟବ୍ କହିଛନ୍ତି ଗ୍ଲୋବାଲ୍ ସାଉଥ୍ ନେତୃତ୍ୱ ନେବା

ପାଇଁ ପ୍ରତିଷ୍ଠାନଗୁଡ଼ିକର କ୍ଷମତା ଗଠନରେ ପରିବର୍ତ୍ତନ କରିବା ଆବଶ୍ୟକ ହୋଇପଡିଛି ।

ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର କହିଛନ୍ତି ଯେ ରାଇସିନା ସଂଳାପରେ ଏହା ପ୍ରଥମ ଥର ଯେ ସମ୍ମାନିତ ଅତିଥି ଲେଖକଙ୍କ ସମ୍ମିଳନୀରେ ଅଂଶଗ୍ରହଣ କରିଛନ୍ତି । ସେ କହିଛନ୍ତି ବର୍ତ୍ତମାନ ସୃଷ୍ଟି ହୋଇଥିବା ଦ୍ୱନ୍ଦ୍ୱ ଯୋଗୁଁ ଗ୍ଲୋବାଲ ସାଉଥ୍‌ର ଗୁରୁତ୍ୱ ଅନୁଭୂତ ହେଉଛି ।

## ସାବରିମାଳା ଦର୍ଶନ–କେରଳ

କେରଳରେ, ପ୍ରସିଦ୍ଧ ସାବରୀମାଳା ମନ୍ଦିରକୁ ଆସୁଥିବା ତୀର୍ଥଯାତ୍ରୀଙ୍କ ରହଣି ପାଇଁ ଆଜିଠାରୁ ଅନଲାଇନ୍ ବୁକିଂ ସୁବିଧା ଆରମ୍ଭ ହେଉଛି । ଆଗାମୀ ମୀନମ ମାସ ପୂଜା ଏବଂ ବାର୍ଷିକ ମନ୍ଦିର ମହୋତ୍ସବ ପାଳନ ହେବାକୁ ଥିବାରୁ ଅନ୍‌ଲାଇନ୍ ବୁକିଂ ବ୍ୟବସ୍ଥା କାର୍ଯ୍ୟକାରୀ ହେବ । ତୀର୍ଥଯାତ୍ରୀମାନେ ସରକାରୀ ୱେବସାଇଟ୍ onlinetdb.com ମାଧ୍ୟମରେ କୋଠରୀ ସଂରକ୍ଷଣ କରିପାରିବେ । ମୀନମ ମାସ ପୂଜାର ଅଂଶ ଭାବରେ ଚଳିତମାସ ୧୪ରୁ ୧୯ ତାରିଖ ପର୍ଯ୍ୟନ୍ତ ଦର୍ଶନ ଉପଲବ୍ଧ ହେବ । ମନ୍ଦିର ମହୋତ୍ସବ ପାଇଁ, ଭକ୍ତମାନେ ଚଳିତମାସ ୨୨ ତାରିଖରୁ ଏପ୍ରିଲ ୧ ତାରିଖ ପର୍ଯ୍ୟନ୍ତ ମନ୍ଦିର ପରିଦର୍ଶନ କରିପାରିବେ ।

# ଗଡ଼କରି ବାୟୋଗ୍ୟାସ କଲ

କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରୀ ନୀତିନ ଗଡକରୀ କହିଛନ୍ତି ଇନ୍ଧନ ଆମଦାନୀ ଉପରେ ଭାରତର ନିର୍ଭରଶୀଳତା ହ୍ରାସ କରିବା ଏବଂ ଦେଶକୁ ଶକ୍ତି କ୍ଷେତ୍ରରେ ସ୍ୱାବଲମ୍ବୀ କରିବା ପାଇଁ ବାୟୋଗ୍ୟାସ୍ ହେଉଛି ସର୍ବୋତ୍ତମ ବିକଳ୍ପ। ଆଜି ପୁଣେର ଯଶଓ୍ୱନ୍ତରାଓ ଚଭନ ବିକାଶ ପ୍ରଶାସନ ଏକାଡେମୀରେ ଆୟୋଜିତ କମ୍ପ୍ରେସଡ ବାୟୋଗ୍ୟାସ୍ ସମ୍ମିଳନୀ ୨୦୨୬ର ଉଦ୍‌ଘାଟନ ଅବସରରେ ସେ ଏହା କହିଛନ୍ତି ।

ଭାରତୀୟ ସବୁଜ ଶକ୍ତି ମହାସଂଘର ଅଧ୍ୟକ୍ଷ ପ୍ରମୋଦ ଚୌଧୁରୀ ଏବଂ ସାଂସଦ ଡକ୍ଟର ଟି. କୃଷ୍ଣ ପ୍ରସାଦ ମଧ୍ୟ ଏହି ସମ୍ମିଳନୀରେ ଯୋଗ ଦେଇଛନ୍ତି । ଶ୍ରୀ ଗଡକରୀ କହିଛନ୍ତି ଯେ ଭାରତର ବାର୍ଷିକ ଇନ୍ଧନ ଆମଦାନୀ ୧୬ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିଛି ଏବଂ ଏହି ନିର୍ଭରଶୀଳତାକୁ ହ୍ରାସ କରିବା ପାଇଁ କମ୍ପ୍ରେସଡ ବାୟୋଗ୍ୟାସ୍-ସିବିଜି ଭଳି ସ୍ୱଦେଶୀ ଏବଂ ସୁଲଭ ଇନ୍ଧନର ଆବଶ୍ୟକତା ରହିଛି । ସେ କହିଛନ୍ତି, ବିଶେଷକରି ଦିଲ୍ଲୀ ଏବଂ ଉତ୍ତର ଭାରତରେ ଫସଲ ନଡ଼ାକୁ ବାୟୋଗ୍ୟାସେରେ ପରିଣତ କରିବା ଦ୍ୱାରା ନଡ଼ା ପୋଡ଼ିବା ଦ୍ୱାରା ହେଉଥିବା ପ୍ରଦୂଷଣ ସମସ୍ୟାର ମୁକାବିଲା କରାଯାଇପାରିବ ।

ସେ କହିଛନ୍ତି ଯେ ବାୟୋଗ୍ୟାସ୍ ହେଉଛି ଅପଚୟରୁ ସମ୍ପତ୍ତି ସୃଷ୍ଟି କରିବାର ଏକ ପ୍ରଭାବଶାଳୀ ଉପାୟ ଏବଂ ସରକାର ଭବିଷ୍ୟତରେ କମ୍ପ୍ରେସଡ ବାୟୋଗ୍ୟାସ୍ ଏବଂ ବୈଦ୍ୟୁତିକ ଶକ୍ତିରେ ସାର୍ବଜନୀନ ପରିବହନ ବ୍ୟବସ୍ଥାକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛନ୍ତି।

# ଇସ୍ରାଏଲ ଆଟାକ ଲେବାନନ

ଇସ୍ରାଏଲୀ ବାୟୁସେନା ଆଜି ହିଜବୋଲାର ବିରୁତ୍ ମୁଖ୍ୟାଳୟ ଏବଂ ଲେବାନନରେ ସାମରିକ ଭିତ୍ତିଭୂମି ଥିବା ଦଶଟି ଉଚ୍ଚ ଅଟ୍ଟାଳିକା ଉପରେ ଆକ୍ରମଣ କରିଛି। ଇସ୍ରାଏଲ କହିଛି ଯେ ଆକ୍ରମଣର ଅଂଶ ସ୍ୱରୂପ, କାର୍ଯ୍ୟନିର୍ବାହୀ ପରିଷଦର ମୁଖ୍ୟାଳୟ ଏବଂ ମାନବବିହୀନ ବିମାନ ଯାନ ବହନ କରୁଥିବା ଏକ ଗୋଦାମ ଉପରେ ଆକ୍ରମଣ କରାଯାଇଥିଲା । ଇରାନ-ସମର୍ଥିତ ହିଜବୋଲା ଇସ୍ରାଏଲ ଉପରେ ଆକ୍ରମଣରେ ଏହି ଯାନ ବ୍ୟବହାର କରିଥିବା ଜଣାପଡିଥିଲା ।

ଆଜି ସକାଳେ ଇସ୍ରାଏଲ ଦ୍ୱାରା ବେରୁତରେ ହିଜବୋଲା କମାଣ୍ଡର ଜୈଦ ଅଲି ଜୁମାଙ୍କୁ ହତ୍ୟା କରାଯାଇଥିବା ସୂଚନା ଦେଇଛି । ଜୁମା’ ଦକ୍ଷିଣ ଲେବାନନରେ ହିଜବୋଲାର ମୁଖ୍ୟ ଭାବରେ କାର୍ଯ୍ୟ କରୁଥିଲା। ଇସ୍ରାଏଲୀ ନୌସେନା ତ୍ରିପୋଲି ଅଞ୍ଚଳରେ ହମାସ କମାଣ୍ଡର ଓ୍ୱାସିମ ଆଟ୍ଟାଲ୍ଲା ଅଲିଙ୍କୁ ମଧ୍ୟ ଆକ୍ରମଣ କରି ନିପାତ କରିଥିଲା।

# ଟି-ଟ୍ୱେଣ୍ଟି ଓ୍ୱାର୍ଲ୍ଡକପ୍

ଭାରତ ଆଇ.ସି.ସି. ପୁରୁଷ ଟି-ଟ୍ୱେଣ୍ଟି କ୍ରିକେଟ୍ ବିଶ୍ୱକପ୍‌ର ଫାଇନାଲ୍‌ରେ ପ୍ରବେଶ କରିଛି । ଗତ ରାତିରେ ମୁମ୍ବାଇର ଓ୍ୱାଙ୍ଖେଡ଼େ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲ୍ ମ୍ୟାଚ୍‌ରେ ଇଂଲଣ୍ଡକୁ ୭ ରନ୍‌ରେ ପରାସ୍ତ କରି ଭାରତକୁ ଏହି ସଫଳତା ମିଳିଛି । ଆସନ୍ତା ରବିବାର

ଦିନ ଗୁଜରାଟର ଅହମ୍ମଦାବାଦସ୍ଥିତ ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ ।

ଆନ୍ତର୍ଜାତିକ କ୍ରିକେଟ ପରିଷଦ ଚଳିତ ଆଇସିସି ପୁରୁଷ ଟି-୨୦ ବିଶ୍ୱକପ୍‌ର ପ୍ଲେୟର ଅଫ୍ ଦ ଟୁର୍ଣ୍ଣାମେଣ୍ଟ ପୁରସ୍କାର ନିମନ୍ତେ ଖେଳାଳିମାନଙ୍କ ତାଲିକା ପ୍ରକାଶ ପାଇଛି । ଭାରତର ସଞ୍ଜୁ ସାମସନ ଏକମାତ୍ର ଖେଳାଳି ଭାବେ ଏହି ତାଲିକାରେ ସାମିଲ ହୋଇଛନ୍ତି । ଏହି ବିଶ୍ୱକପ୍‌ରେ ୪ଟି ମ୍ୟାଚ୍‌ରେ ୨୩୨ରନ୍ ସ୍କୋର କରିଥିଲେ । ଓ୍ୱେଷ୍ଟଇଣ୍ଡିଜ ବିପକ୍ଷରେ ସୁପର ଏଇଟ୍ ପର୍ଯ୍ୟାୟରେ ୫୦ ବଲ୍‌ରୁ ସେ ଅପରାଜିତ ୯୭ ରନ୍ ସ୍କୋର କରିଥିବାବେଳେ ସେମିଫାଇନାଲରେ ୪୨ ବଲ୍‌ରୁ ଅଣାନବେ ରନ୍ ସ୍କୋର କରି ପ୍ଲେୟର ଅଫ୍ ଦ ମ୍ୟାଚ୍ ବିବେଚିତ ହୋଇଥିଲେ । ରବିବାର ଦିନ ଫାଇନାଲ ମ୍ୟାଚ୍ ଶେଷ ହେବା ପରେ ପ୍ଲେୟର ଅଫ୍ ଦ ଟୁର୍ଣ୍ଣାମେଣ୍ଟ ପୁରସ୍କାରର ବିଜେତାଙ୍କ ନାମ ଘୋଷଣା କରାଯିବ ।